OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 5 Issue 1 [Jan- Feb] Year 2026*

IJCRM
International Journal of Contemporary Research In Multidisciplinary

*Review Article*

# ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ

**ଡକ୍ଟର ଶୁଭଦର୍ଶିନୀ ପରିଡ଼ା ଏମ୍**
ଅଧାପିକା, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକ

**Corresponding Author:** * ଡକ୍ଟର ଶୁଭଦର୍ଶିନୀ ପରିଡ଼ା ଏମ୍

**DOI:** https://doi.org/10.5281/zenodo.20637192

## ସାରାଂଶ

ସମାଜ -ସଂସ୍କୃତି -ସାହିତ୍ୟ ଚିର ପରିବର୍ତ୍ତନଶୀଳ। ପରିବର୍ତ୍ତନର ଆବଶ୍ୟକତା ସେତେବେଳେ ହୁଏ, ଯେତେବେଳେ ପୁରାତନ ନୀତି ନିୟମ ଆଦର୍ଶରେ ସମାଜ ମଣିଷ ଆଣନିଃଶ୍ୱାସୀ ହୋଇପଡ଼େ। ପୁରୁଣାକୁ ଛାଡି ନୂଆକୁ ଗ୍ରହଣ କରିବା ହେଉଛି ମଣିଷ ସମାଜର ସହଜାତ ପ୍ରକୃତି।ନୂତନକୁ ନ ଆପଣେଇଲେ କୌଣସି ସମାଜର ତିଷ୍ଠି ରହି ପାରିବ ନାହିଁ। ତେଣୁ ଏହି ପରିବର୍ତ୍ତନ ଯୁଗଯୁଗରୁ ଚାଲି ଆସୁଛି। ଦିନେ ଯାହା ନୂତନ ରୂପେ ଆବିର୍ଭାବ ହୁଏ ପରବର୍ତ୍ତୀ ସମୟରେ ତାହାହିଁ ବିବର୍ତ୍ତନ ଧାରାରେ ପୁରାତନ ହୋଇଯାଏ। ସାହିତ୍ୟ ମଧ ସେହିପରି ପ୍ରାଚୀନରୁ ଆଧୁନିକ, ଆଧୁନିକରୁ ଉତ୍ତରଆଧୁନିକ, ଉତ୍ତରଆଧୁନିକରୁ ଦେଇ ଗତିକରି ଆସିଛି। ଏହି ପରିବର୍ତ୍ତନକୁ ନବଜାଗରଣ କୁହାଗଲା। ଯାହା ବିଶ୍ୱସାହିତ୍ୟରୁ ଆରମ୍ଭ ହୋଇ ଭାରତୀୟ ସାହିତ୍ୟ ମଧଦେଇ ଓଡ଼ିଆ ସାହିତ୍ୟରେ ସୃଷ୍ଟି ହେଲା।

**Manuscript Information**

- **ISSN No:** 2583-7397
- **Received:** 10-01-2026
- **Accepted:** 26-02-2026
- **Published:** 28-02-2026
- **IJCRM:**5(1); 2026: 962-964
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡକ୍ଟର ଶୁଭଦର୍ଶିନୀ ପରିଡ଼ା ଏମ୍. ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରଭାବ. Int J Contemp Res Multidiscip. 2026;5(1): 962-964.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦାବଳୀ:** ନବଜାଗରଣ, ପ୍ରାଚୀନ, ବିଶ୍ୱ ସାହିତ୍ୟ, ପତ୍ରପତ୍ରିକା, ସମାଜ, ସାହିତ୍ୟବ, ସଂସ୍କୃତି ।



© 2026 ଡକ୍ଟର ଶୁଭଦର୍ଶିନୀ ପରିଡ଼ା ଏମ୍. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ପ୍ରସଙ୍ଗ :** ନବଜାଗରଣ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ଆମେ ନବଜାଗରଣ କ'ଣ କାହିଁକି ଓ କିପରି ସୃଷ୍ଟିହେଲା ସେ ସମ୍ପର୍କରେ ଏକ ଧାରଣା ନେବା। 'ନବ'କହିଲେ ନୂଆ ଜାଗରଣ କହିଲେ ଜାଗ୍ରତ ବା ସଚେତନ। ଓଡ଼ିଆ ସାହିତ୍ୟରେ ପୁଣି ନବଜାଗରଣର କ'ଣ ଏ ସମ୍ପର୍କରେ ସଂଶୟ ଆସିପାରେ। ଏହା ପ୍ରଥମେ ଓଡ଼ିଆ ସାହିତ୍ୟରେ ସୃଷ୍ଟି ହୋଇଥିଲା କିଂବା ଏହା ପୂର୍ବରୁ ଆଉ କେଉଁଠି ଆରମ୍ଭ ହୋଇଥିଲା। ଏ ସମସ୍ତ ପ୍ରଶ୍ନର ଉତ୍ତର ଏହି ଆଲୋଚନାରୁ ଜାଣିବା। ତେବେ ଆମେ ନବଜାଗରଣ କହିଲେ ସାଧାରଣରେ ବୁଝୁଛେ ନବଜନ୍ମ ବା ପୁନଃଜନ୍ମ। ଏହା ପ୍ରଥମେ ଇଉରୋପରେ ପରେପରେ ଚତୁର୍ଦ୍ଦଶ ଶତାବ୍ଦୀର ମଧଭାଗରେ ଆରମ୍ଭ ହୋଇ ପଶ୍ଚିମ ଇଉରୋପରେ ବିଭିନ୍ନ ଦେଶରେ ବ୍ୟାପି ଯାଇଥିଲା। ଏହି ନବଜାଗରଣକୁ ଇଂରାଜୀ ଭାଷାରେ ରେନେସାନ୍ ଏବଂ ଫରାସୀ ଭାଷାରେ ରେନେସାଁ କୁହାଯାଇଛି। ଓଡ଼ିଆରେ ଏହା ନବଜନ୍ମ, ପୁନଃଜନ୍ମ ବା ନବସୃଷ୍ଟି କୁ ବୁଝାଏ।

ଏହାର ସଂଜ୍ଞା ଦେବାକୁଯାଇ ବହୁ ପାଶ୍ଚାତ୍ୟବିତ୍ ଭିନ୍ନଭିନ୍ନ ମତ ଦେଇଛନ୍ତି। ଇଂରାଜୀ ସାହିତ୍ୟରେ ଲିଗୁର, କାଜମିୟା ଏବଂ ଏ. ସି ବାଉ ପ୍ରାୟ ସମସ୍ତେ ଏହାକୁ ପ୍ରାଚୀନ ବା ପୁରୁଣା ଜ୍ଞାନର ପୁନ ରଭ୍ୟୁଦୟ ଭାବରେ ଗ୍ରହଣ କରିଛନ୍ତି। କିନ୍ତୁ ଆର.ଏ. ସ୍କଟଜେମ୍ସ ଏହା ମଧ୍ୟଯୁଗୀୟ ଶୃଙ୍ଖଳାକୁ ଭାଙ୍ଗିଦେବା ପାଇଁ ଏକ ଆନ୍ଦୋଳନ ବୋଲି ମତ ଦିଅନ୍ତି। ଏଚ୍. ଓ ଟେଲର୍, ଡବ୍ଲ୍ୟୁ କେ. ଫର୍ଗୁସନ୍ ପ୍ରଭୃତି ସମାଲୋଚକ ରେନେସାଁକୁ ଅନ୍ଧାରରୁ ଆଲୋକ ଆଡକୁ ଅଗ୍ରସର ହେଉଥିବା ଆଧୁନିକ ଯୁଗବୋଲି ଅଭିହିତ କରିଛନ୍ତି। 'The Random house Dictionary of the English Language' ରେ ଏହାକୁ ମଣିଷର ଜୀବନ ଧାରାକୁ ନୂଆ କରିଥିବା ଏକ ବୌଦ୍ଧିକ ଏବଂ କଳାତ୍ମକ ଆନ୍ଦୋଳନ ଭାବରେ ଗ୍ରହଣ କରାଯାଇଛି। ତେବେ ରେନେସାଁ କହିଲେ ପୂର୍ବରୁ ଚଳି ଆସୁଥିବା ଧର୍ମ ପରମ୍ପରା ବିରୁଦ୍ଧରେ ଏକ ଆନ୍ଦୋଳନ। ଯାହା ସଫଳ ରୂପନେଇ ସମଗ୍ର ବିଶ୍ୱର ରାଜନୀତିକ, ସାଂସ୍କୃତିକ, ଧାର୍ମିକ ଚେତନାକୁ ପରିବର୍ତ୍ତନ କରିଦେଇଛି। ଯାହାର ପ୍ରଭାବରେ ଓଡ଼ିଶା ସାହିତ୍ୟରେ ମଧ ପରିବର୍ତ୍ତନ ଦେଖାଦେଇଛି। ଯଦ୍ବାରା ଓଡ଼ିଆ ସାହିତ୍ୟର ରୂପ ଓ ଗୁଣ ବଦଳି ଯାଇଛି।

ଓଡ଼ିଶାର ଇତିହାସ ଓ ସାହିତ୍ୟକୁ ବିଚାର କଲେ ଆମେ ଦେଖିବା, ଇରୋପରେ ନବ ଜାଗରଣ ଚତୁର୍ଦ୍ଦଶ ଶତାବ୍ଦୀରେ ସୃଷ୍ଟି ହେଲାବେଳକୁ ଓଡ଼ିଶାରେ ଏହା ଉନ୍ନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ସୃଷ୍ଟି ହେଲା। ଉନ୍ନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଓଡ଼ିଆ ସାହିତ୍ୟରେ ଓଡ଼ିଆ ମାଟି ପାଣି ପବନକୁ ନେଇ ସ୍ୱଦେଶୀ ଲେଖାମାନ ପ୍ରକାଶ ପାଇଛି ଯାହାକୁ ଆମେ ପାରମ୍ପରିକ କାବ୍ୟ ବୋଲି ଅଭିହିତ କରିପାରିବା । ଏହି ସମୟର ପ୍ରମୁଖ କବିମାନେ ହେଲେ ଅଭିମନ୍ୟୁ ସାମନ୍ତସିଂହାର, କବିସୂର୍ଯ୍ୟ ବଳଦେବ ରଥ, ସଦାନନ୍ଦ ବକିସୂର୍ଯ୍ୟ ବ୍ରହ୍ମା,ଭକ୍ତ ଚରଣ ଦାସ, ଗୋପାଳକୃଷ୍ଣ ପଟ୍ଟନାୟକ, କବି ଯଦୁମଣି, ବନମାଳୀ, ଗୌରଚରଣ, ଏବଂ ଭୀମଭୋଇ ପ୍ରମୁଖ କବିମାନଙ୍କ କବିତାରେ ପ୍ରେମଭକ୍ତି ହିଁ ମୁଖ୍ୟ ହୋଉଛି। କିନ୍ତୁ ଏହି ସମୟରେ ବଙ୍ଗଳାରେ ନବଜାଗରଣ ସୃଷ୍ଟି ହୋଇ ସାରିଲାଣି।କାରଣ କଲିକତା ଇଂରେଜ ଶାସନାଧିନ ହୋଇ ସାରିଥିଲା।

ଓଡ଼ିଆ ସାହିତ୍ୟରେ ନବଜାଗରଣର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେ ସମୟରେ ପ୍ରକାଶିତ ପତ୍ର ପତ୍ରିକା ଏବଂ ଧର୍ମପ୍ରଚାରକ ପାଦ୍ରୀମାନେ। ଏହି ସମୟରେ ଓଡ଼ିଆରେ ଖ୍ରୀଷ୍ଟଧର୍ମ ଆଧାରିତ ପତ୍ରପତ୍ରିକା ଗୁଡିକ ପ୍ରକାଶପାଇ ପ୍ରଥମେ ଧର୍ମକ୍ଷେତ୍ରରେ ଏକ ପରିବର୍ତ୍ତନ ଧାରା ସୃଷ୍ଟିକଲା। ୧୮୪୯ରେ ରେଭରେଣ୍ଡ ସି. ଲେସି କଟକ ମିଶନ ପ୍ରେସରୁ 'ଜ୍ଞାନରଣ ' ନାମକ ଏକ ପତ୍ରିକା ପ୍ରକାଶ କରିଥିଲେ। ୧୮୫୫ରେ ଲେସିଙ୍କ ସମ୍ପାଦନାରେ 'ପ୍ରବୋଧ ଚନ୍ଦ୍ରିକା ' ୧୮୫୨ରେ ଲେସିଙ୍କ ସମ୍ପାଦନାରେ ମିସନ୍ ପ୍ରେସରୁ ଓଡ଼ିଆ ଭାଷାରେ ସରକାରୀ ଗେଜେଟ ପ୍ରକାଶିତ ହେଲା। ୧୮୮୭ରେ 'ତାରକା ଓ ଶୁଭବାର୍ତ୍ତା 'ନାମରେ ଦୁଇଟି ଖ୍ରୀଷ୍ଟଧର୍ମୀ ପତ୍ରିକାର ପ୍ରକାଶ ଓଡ଼ିଶା ଓ ଓଡ଼ିଆ ସାହିତ୍ୟରେ ନବଜାଗରଣ ର ପଥ ପଦର୍ଶକ ଭାବରେ କାର୍ଯ୍ୟ କଲା। ଖ୍ରୀଷ୍ଟଧର୍ମ ଓ ମିଶନାରୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ସମୟର ଓଡ଼ିଶାର ବ୍ରାହ୍ମବାଦୀ ନେତାମାନେ ମଧ ନିଜନିଜର ଧର୍ମ ସମ୍ବନ୍ଧୀୟ ପତ୍ରିକାମାନ ପ୍ରକାଶ କଲେ। ୧୮୮୩ ମସିହାରେ ସେବକ, ବ୍ରାହ୍ମଧର୍ମୀ ପତ୍ରିକା ଭାବରେ ଆତ୍ମପ୍ରକାଶ କଲା। ଏହାର ସମ୍ପାଦକ ଚତୁର୍ଭଜ ପଟ୍ଟନାୟକ ଓ ଭାବଗ୍ରାହୀ ଦାସ। ୧୮୮୪ରେ ବାଲେଶ୍ୱରରୁ 'ନବବିଧାନ ' ୧୮୯୪ରେ' ବ୍ରାହ୍ମ' ନାମକ ପତ୍ରିକା ବ୍ରାହ୍ମଧର୍ମ ପ୍ରଚାରପାଇଁ ପ୍ରକାଶ ପାଇଲା। ୧୮୯୬ରେ ଖ୍ରୀଷ୍ଟଧର୍ମର ମୁଖପତ୍ର ଭାବରେ 'ପ୍ରଭାତୀ ତାରା ' ପ୍ରକାଶିତ ହେଲା। ଓଡ଼ିଶାର ଖ୍ରୀଷ୍ଟଧର୍ମ ଓ ବ୍ରାହ୍ମଧର୍ମ ପ୍ରଚାରରେ ଏହି ସବୁ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାକ୍ଷେତ୍ରରେ ମଧ ବଡ ପରିବର୍ତ୍ତନ ଦେଖା ଦେଲା। ୧୮୭୭ବେଳକୁ କଟକ କଲେଜ (ବର୍ତ୍ତମାନର ରେଭେନ୍ସା ବିଶ୍ୱବିଦ୍ୟାଳୟ ) ଏକ ପୂର୍ଣ୍ଣାଙ୍ଗ କଲେଜରେ ପରିଣତ ହୋଇଥିଲା। ଯାହା ଫଳରେ ଧର୍ମ ଓ ଶିକ୍ଷା ଉଭୟ କ୍ଷେତ୍ରରେ ନବଜାଗରଣ ଆରମ୍ଭ ହେଲା। ଠିକି ଏହି ସମୟକୁ ସାମାଜିକ ଓ ସାହିତ୍ୟ କ୍ଷେତ୍ରରେ ଜାଗରଣ ସୃଷ୍ଟି କରିବାପାଇଁ ଉତ୍କଳ ଦୀପିକା (୧୮୬୬)ସମ୍ବାଦବାହିକା(୧୮୬୮ )ଉତ୍କଳ ଦର୍ପଣ(୧୮୭୫) ଉତ୍କଳ ହିତୈଷିଣୀ(୧୮୬୯) ଉତ୍କଳ ପୁତ୍ର (୧୮୭୩) ଉତ୍କଳ ମଧୁପ (୧୮୭୮) ଓଡ଼ିଆ(୧୮୮୬ )ଓଡ଼ିଆ ଓ ନବ ସମ୍ବାଦ(୧୮୮୭)ଆଶା (୧୮୮୮ )ସମ୍ବଲପୁର ହିତୈଷିଣୀ ୧୮୮୯) ଉତ୍କଳ ପ୍ରଭା (୧୮୯୧) ଉତ୍କଳ ସାହିତ୍ୟ (୧୮୯୭)ଆଲୋଚନା (୧୯୦୦) ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଲା।୧୮୯୩ ମସିହାରେ ଓଡ଼ିଆ ସାହିତ୍ୟରେ ଏକ ସାହିତ୍ୟିକ ବାତାବରଣ ସୃଷ୍ଟିହେଲା 'ଇନ୍ଦ୍ରଧନୁ ' ଓ 'ବିଜୁଳି 'ଏହି ଦୁଇଟି ପ୍ରକାଶକୁ ନେଇ। ଇନ୍ଦ୍ରଧନୁ ପ୍ରାଚୀନ ସାହିତ୍ୟ ସପକ୍ଷରେ ଏବଂ ବିଜୁଳି ଆଧୁନିକ ସାହିତ୍ୟ ସପକ୍ଷରେ ବାହାରିଲା ଯାହାଫଳରେ ଓଡ଼ିଆ ସାହିତ୍ୟରେ ମସୀ ଯୁଦ୍ଧ ଚାଲିଲା। ଏହି ବାତାବରଣକୁ ଆହୁରି ତୀବ୍ର କଲା 'ଉତ୍କଳ ପ୍ରଭା 'ସମ୍ବଲପୁର ହିତୈଷିଣୀ'। ସାରା ଓଡ଼ିଶାରେ ପତ୍ରପତ୍ରିକା ପ୍ରକାଶ ପାଇ ଓଡ଼ିଆ ସାହିତ୍ୟର ନବଜାଗ'ରଣ ର କ୍ଷେତ୍ର ପ୍ରସ୍ତୁତି କଲେ।

କେତେକ ପ୍ରଭାବଶାଳୀ ରାଜକର୍ମଚାରୀ ପଡୋଶୀ ବଙ୍ଗଳାର ଓଡ଼ିଆ ଭାଷାକୁ ଲୋପକରି ବଙ୍ଗ ଭାଷାରେ ଓଡ଼ିଶାକୁ ଚଳାଇବାର ପ୍ରଚେଷ୍ଟା ଚଳାଇଲେ। ଐତିହାସିକ ରାଜେନ୍ଦ୍ର ଲାଲ ମିତ୍ର କଟକ ଡିବେଟିଙ୍ଗ କ୍ଲବ ବୈଠକରେ ଭାଷଣ ଦେଇ କହିଲେ ଓଡ଼ିଆ ଭାଷା ବଙ୍ଗ ଭାଷାର ଉପଭାଷା ମାତ୍ର, ବାଲେଶ୍ୱରରେ ଶିକ୍ଷକତା କରୁଥିବା କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ମତ ଦେଲେ। ଆଧୁନିକ ଯୁଗର ସ୍ରଷ୍ଟା ଭାବେ ରାଧାନାଥ, ଗଙ୍ଗାଧର, ମଧୁସୂଦନ, ଗୌରୀଶଙ୍କର, ଫକୀରମୋହନ, ମଧୁସୂଦନ ଦାସ, ନନ୍ଦକିଶୋର ପ୍ରମୁଖଙ୍କ ଲେଖାଗୁଡିକ ଓଡ଼ିଆ ସାହିତ୍ୟରେ ନବଜାଗରଣର ବାର୍ତ୍ତାବାହ ରୂପେ ଭୂମିକା ନିର୍ବାହ କଲା। ଏବଂ ଭାଷା ସୁରକ୍ଷାପାଇଁ ଆନ୍ଦୋଳନ ସୃଷ୍ଟି ହେଲା। ଭାଷାବିତ୍ ଜନ ବିମ୍ସ ଓଡ଼ିଆ ଭାଷା ସପକ୍ଷରେ ନିଜର ଦୃଢ଼ ଯୁକ୍ତିନେଇ କଲିକତା, ଏସିଆଟିକ ବୈଠକରେ 'on the Relation of the oriya to other morden Indian language ' ଶୀର୍ଷକ ପ୍ରବନ୍ଧ ପାଠକରି


© 2026 ଡକ୍ଟର ଶୁଭଦର୍ଶନୀ ପରିଡ଼ା ଏମ୍. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

କ୍ରାନ୍ତିଚନ୍ଦ୍ର ଏବଂ ରାଜେନ୍ଦ୍ରଲାଲଙ୍କ ଯୁକ୍ତି ଖଣ୍ଡନ କଲେ। ଏବଂ କମିଶନର ଟି. ଇ ରେଭେନ୍ସା ମଧ ଓଡ଼ିଆ ଭାଷା ଆତ୍ମରକ୍ଷା କରିଥିଲେ।

ନ ଅଙ୍କ ଦୁର୍ଭିକ୍ଷ,ପତ୍ରପତ୍ରିକା ପ୍ରକାଶନ, ଭାଷା ବିଲୋପ ଆନ୍ଦୋଳନ,ପାଶ୍ଚତ୍ୟ ଶିକ୍ଷା ପ୍ରତି ଆଗ୍ରହ, ମୁଦ୍ରଣ ଯନ୍ତ୍ରର ସ୍ଥାପନ, ପାଠ୍ୟପୁସ୍ତକ ପ୍ରଣୟନ ଫଳରେ ଓଡ଼ିଆ ସାହିତ୍ୟରେ ନବଯୁଗର ଆରମ୍ଭ ହେଲା। ଏହି ସମୟରେ ସାହିତ୍ୟ ବ୍ୟକ୍ତିଜୀବନର ସୁଖଦୁଃଖକୁ ବିଷୟ ଭାବରେ ଗ୍ରହଣ କଲା। ଫଳରେ ସାହିତ୍ୟ ବ୍ୟକ୍ତି ଜୀବନର ନିକଟବର୍ତ୍ତୀ ହୋଇପାରିଲା।

ରାଧାନାଥ ଏହି ସମୟର ଅଗ୍ରଦୂତ ଭାବେ ପାଶ୍ଚାତ୍ୟ ସାହିତ୍ୟ ଅନୁସରଣରେ କାବ୍ୟମାନ ରଚନା କରି ଓଡ଼ିଆ ସାହିତ୍ୟର ପୁରୁଣା ପରମ୍ପରା ଭାଙ୍ଗି ଏକ ନୂତନ ଦିଶା ଦେଖାଇଲେ। ତାଙ୍କ ରଚିତ କାବ୍ୟ ଗୁଡ଼ିକର ବିଷୟ ପାଶ୍ଚତ୍ୟର ଅନୁସରଣ ମାତ୍ର ଏହା ଓଡ଼ିଶାର ପାଣିପାଗରେ ଏଭଳି ମିଶିଗଲା ଯାହା ତାଙ୍କୁ ଯୁଗସ୍ରଷ୍ଟା ଭାବରେ ଅଭିହିତ କଲା।

ଫକୀରମୋହନ ସେନାପତିଙ୍କୁ ଓଡ଼ିଆ ନବଜାଗରଣର ଅନ୍ୟତମ ପ୍ରତିଷ୍ଠାତା ଭାବରେ ଗ୍ରହଣ କରାଯାଏ। 'ରେବତୀ '(୧୮୯୮) ଉତ୍କଳ ସାହିତ୍ୟ ଦଶମ ସଂଖ୍ୟାରେ ପ୍ରକାଶ ପାଇବାପରେ ଓଡ଼ିଆ ଓଡ଼ିଶାର ନାରୀ ଶିକ୍ଷାରେ ଏହା ଯୁଗାନ୍ତକାରୀ ପଦକ୍ଷେପ ନେଲା। ପରେ 'ଛ 'ମାଣ ଆଠଗୁଣ୍ଠ, ଲଛମା, ମାମୁଁ, ପ୍ରାୟଶ୍ଚିତ ଚାରୋଟି ଉପନ୍ୟାସ ଓଡ଼ିଆ ସାହିତ୍ୟର ଚାରିଖୁମ୍ବଭାବରେ ମଜଭୁତ ହୋଇ ଠିଆହେଲା ଯାହା ଆଜିର ଓଡ଼ିଆ ସାହିତ୍ୟକୁ ଧରିରଖିଛି ବୋଲି କହିବା ଅତ୍ୟୁକ୍ତି ହେବନାହିଁ।

ମଧୁସୂଦନ ଦାସ ଓଡ଼ିଆ ଜାତୀୟ ଜୀବନ ଓ ସାହିତ୍ୟକୁ ଜାଗ୍ରତ କରିବାରେ ଯେଉଁ କବିତାମାନ ରଚନା କଲେ ତା ଓଡ଼ିଆ ଜାତିର ନିଦ୍ରାଭଙ୍ଗ ପାଇ ଯଥେଷ୍ଟ ଥିଲା। ଯଥା – "ଏହି ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ / କୋଟି ପ୍ରାଣ ବିନ୍ଦୁ ଧରେ / ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ / ଡେଇଁପଡି ସିନ୍ଧୁ ନୀରେ / ତରଙ୍ଗ ଉଠିବ ସିନ୍ଧୁ ଗରଜିବ / ଶୁଣିବୁ ସିଂହର ରବ / ବ୍ରିଟିଶ ରାଜ୍ୟରେ ଓଡ଼ିଆ ଜାତିର / ବଢ଼ିବ ମାନ ଗୌରବ।"

ରାମଶଙ୍କର ରାୟଙ୍କ ଭୂମିକା ମଧ ନବଜାଗରଣରେ କ୍ଷେତ୍ରରେ କିଛି କମ ନଥିଲା। ତାଙ୍କ ରଚିତ ନାଟକ ଓ ଉପନ୍ୟାସ ଓଡ଼ିଆ ସାହିତ୍ୟରେ ଆଲୋଡନ କରିଥିଲା। ଗଙ୍ଗାଧରଙ୍କ କାବ୍ୟ କବିତା ସରଳ ସାବଲୀଳ ଭବେ ଓଡ଼ିଆ ପ୍ରାଣକୁ ଛୁଇଁଗଲା। ପଲ୍ଲୀକବି ନନ୍ଦକିଶୋରଙ୍କ ପଲ୍ଲୀପ୍ରାଣତା ଓ ଜାତିପ୍ରିତୀ ଓଡ଼ିଆଙ୍କୁ ଜାଗ୍ରତ କଲା।ଏତତ ବ୍ୟତୀତ ବହୁ ସାହିତ୍ୟିକ ସେମାନଙ୍କ ରଚନାଦ୍ୱାରା ଓଡ଼ିଆ ସାହିତ୍ୟର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କଲେ। ଫଳରେ ଓଡ଼ିଆ ସାହିତ୍ୟରେ ଏକ ବିରାଟ ଓ ବଳିଷ୍ଠ ପରିବର୍ତ୍ତନ ସଙ୍ଘଠିତ ହେଲା ନବଜାଗରଣ ନାମରେ।

ଆଜି ଓଡ଼ିଆ ସାହିତ୍ୟ ଯଦି ବିଶ୍ୱ ସାହିତ୍ୟରେ କୌଣସି ନା କୌଣସି କାରଣରୁ ପରିଚୟ ଟିଏ ସୃଷ୍ଟି କରିପାରିଛି ତେବେ ତାହା ଏହି ନବଜାରରଣଦ୍ୱାରା, ସମ୍ଭବ ହୋଇଛି। ନବଜାଗରଣ ଫଳରେ ଓଡ଼ିଆ ସାହିତ୍ୟରେ ଯେଉଁ ପରିବର୍ତ୍ତନ ଘଟିଲା ତାହା ଆଧୁନିକ ତାହା ଆଧୁନିକ ଓଡ଼ିଆ ସାହିତ୍ୟକୁ ଜନ୍ମଦେଲା। ଆଜି ଆମେ ଯେଉଁ ସମୃଦ୍ଧ ଓଡ଼ିଆ ସାହିତ୍ୟକୁ ପାଇଛେ ତାହା ମହାନ ପୂର୍ବଜ ସାହିତ୍ୟିକ ମାନଙ୍କର ଆମପାଇଁ ବରଦାନ କହିଲେ ଅତ୍ୟୁକ୍ତି ହେବନାହିଁ। ଶେଷରେ ଏତିକି କୁହାଯାଇପାରେ ପୁରାତନକୁ ଅସ୍ୱୀକାର କିଂବା ନୂତନକୁ ଗ୍ରହଣ ନ କରିପାରିଲେ କୌଣସି ବ୍ୟକ୍ତି, ସମାଜ କି ସାହିତ୍ୟ ତିଷ୍ଠି ରହିପାରିବ ନାହିଁ।

## ସହାୟକ ଗ୍ରନ୍ଥସୂଚୀ

୧-ଦାଶ, ସୂର୍ଯ୍ୟ ନାରାୟଣ, ଓଡ଼ିଆ ସାହିତ୍ୟର ପରିଚୟ, ହିନ୍ଦୁସ୍ତାନ ସାହିତ୍ୟ ମନ୍ଦିର, ପୁରୀ,୧୯୪୮।

୨-ମହାନ୍ତି, ଜାନକୀ ବଲ୍ଲଭ, ଓଡ଼ିଆ ସାହିତ୍ୟର ସଂକ୍ଷିପ ଇତିହାସ, କଟକ ପବ୍ଲିଶହାଉସ, କଟକ,୧୯୭୭।

୩-ନନ୍ଦ, ବିଜୟ କୁମାର, ସାହିତ୍ୟ ସମାଲୋଚନା ଓ ସାହିତ୍ୟତତ୍ତ୍ୱ, ଆର୍ଯ୍ୟ ପ୍ରକାଶନ, କଟକ ,୧୯୯୯।

୪-ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର, ଓଡ଼ିଆ ସାହିତ୍ୟର ସଂକ୍ଷିପ ପରିଚୟ, ଗ୍ରନ୍ଥମନ୍ଦିର, କଟକ,୨୦୦୭।

୫-ମିଶ୍ର, ସୁରେନ୍ଦ୍ର କୁମାର, ଓଡ୍ର ଦେଶର ଇତିହାସ, ରୂପମ୍ବିକା, କଟକ,୨୦୦୮।

୬- ତ୍ରିପାଠୀ, ସନ୍ତୋଷ କୁମାର, ଚିଲିକା ଓ କବିବର ରାଧାନାଥ, ନାଲନ୍ଦା, ବିନୋଦବିହାରୀ, କଟକ, ୨୦୦୮।

୭ ମହାରଣା, ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶାବୁକଷ୍ଟୋର, କଟକ,୨୦୧୫।

**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–NonCommercial–NoDerivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.

**About the Author**



**ଡକ୍ଟର ଶୁଭଦର୍ଶିନୀ ପରିଡ଼ା ଏମ୍.** ଏ, ଏମ୍. ଫିଲ ଏବଂ ପିଏଚ.ଡ଼ି ଓଡ଼ିଆ ଭାଷା ଓ ସାହିତ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରୁସା ମେଧାବୃତ୍ତିପାଇ ଶେଷ କରିଛନ୍ତି।ସେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରବନ୍ଧ ଆଲୋଚନା, ସମ୍ପାଦନା ସହ କବିତା ରଚନା କରନ୍ତି। ସମ୍ପ୍ରତି ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅଧାପିକା ଅଛନ୍ତି।


© 2026 ଡକ୍ଟର ଶୁଭଦର୍ଶିନୀ ପରିଡ଼ା ଏମ୍. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/